ରାମେଶ୍ୱର ଦାସ ଗୁପ୍ତା

ବନାମ

ୟୁ.ପି. ରାଜ୍ୟ ଏବଂ ଅନ୍ୟଜଣେ

ଅଗଷ୍ଟ 27, 1996

[କେ. ରାମାସ୍ୱାମୀ, ବି.ଏଲ୍. ହଂସାରିୟା ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିବୃନ୍ଦ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908*

*ସମ୍ପାଦନ ନ୍ୟାୟାଳୟ ସୁଧ ପାଇଁ ଏକ ଡିକ୍ରି ମଞ୍ଜୁର କରି ଯାହା ନିଷ୍ପାଦନ ପାଇଁ ଅଯୌକ୍ତିକ ଆଭିମୁଖ୍ୟ କିମ୍ବା ଦେୟର ବିଳମ୍ବ ଆଧାରରେ ଡିକ୍ରି ଜାରିର ଅଂଶ ନ ଥିଲା – ଦର୍ଶାଯାଇଛି, ସମ୍ପାଦନ ନ୍ୟାୟାଳୟ କାର୍ଯ୍ୟକାରୀ ହେଉଥିବା ଡିକ୍ରି ବାହାରେ ଯାଇପାରିବେ ନାହିଁ – ଏହା ଆଦେଶ 21 ଅନ୍ତର୍ଗତ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଆଦେଶ ନିଷ୍ପାଦନ କରିବାକୁ କ୍ଷେତ୍ରାଧିକାର ପାଇଥାନ୍ତି – ସମ୍ପାଦନ ନ୍ୟାୟାଳୟ ସୁଧ ପ୍ରଦାନ ଆଦେଶ ଦେବାରେ ଏହାଙ୍କର କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି – ତେଣୁ, ଏହା କ୍ଷେତ୍ରାଧିକାର ବିନା ଏକ ଆଦେଶ ଏବଂ ଅସିଦ୍ଧ ଆଦେଶ ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16335/1996 ।

ସି.ଆର୍.ସଂଖ୍ୟା 541/1995 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 24.4.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବି.ଡି. ଅଗ୍ରୱାଲ ଏବଂ ବିନୟ ଗର୍ଗ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନ ଏପ୍ରିଲ 24,1996 ରେ ଦେୱାନୀ ସଂଶୋଧନ ସଂଖ୍ୟା 541/96 ରେ କରାଯାଇଥିବା ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକୃତ ସ୍ଥିତି ହେଉଛି ଯେ, ଆବେଦନକାରୀଙ୍କୁ ସେବାରୁ ବହିଷ୍କାର କରିବାର ଆଦେଶ ୟୁ.ପି. ଲୋକସେବା ନ୍ୟାୟାଧିକରଣ, ଲକ୍ଷ୍ନୌ ଦ୍ୱାରା ରଦ୍ଦ କରାଯାଇଥିଲା । ନ୍ୟାୟାଧିକରଣ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି:

''ଏହି ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି । ବର୍ଗ 1 ପଦବୀରେ ଆବେଦନକାରୀଙ୍କ ନିଶ୍ଚିତକରଣ ଏବଂ ତାଙ୍କ କନିଷ୍ଠ ଶ୍ରୀ ରାମ ନିବାସଙ୍କୁ ଏପରି ପଦବୀକୁ ପଦୋନ୍ନତି ଦିଆଯାଇଥିବା

ତାରିଖଠାରୁ ଶ୍ରେଣୀ II ଏବଂ ଶ୍ରେଣୀ I ପଦବୀକୁ, ସେଠାରୁ ଉତ୍ପନ୍ନ ବରିଷ୍ଠତା, ଦରମା, ପେନସନ ଇତ୍ୟାଦି ସମସ୍ତ ପରିଣାମସ୍ୱରୂପ ସୁବିଧା ସହିତ ପରବର୍ତ୍ତୀ ପଦୋନ୍ନତି ଉପରେ ବିଚାର କରିବାକୁ ଓ. ପି. ସଂଖ୍ୟା 1 ଏବଂ 2 ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।"

ନିୟମାବଳୀ ଅନୁଯାୟୀ, ଏହାର ନିଷ୍ପାଦନରେ, ଆବେଦନକାରୀ ଆଦେଶ ଅନ୍ତର୍ଗତ ବକେୟା ଆଦାୟ ପାଇଁ ଏକ ପ୍ରମାଣପତ୍ର ଉପରେ ନ୍ୟାୟାଧିକରଣଙ୍କ ନିୟମାବଳୀର ଖଣ୍ଡ (5) ସହିତ ପଢାଯାଉଥିବା ଆଦେଶ 21 ନିୟମ 1, ସି ପି ସି ଅନ୍ତର୍ଗତ ନିଷ୍ପାଦିତ ଆବେଦନ ଉପସ୍ଥାପନା କରିଥିଲେ । ସମ୍ପାଦନ ନ୍ୟାୟାଳୟ ତା ଡିସେମ୍ବର 12,1995 ରିଖର ଆକ୍ଷେପିତ ଆଦେଶରେ ନିଷ୍ପାଦନ ତାରିଖ ଠାରୁ ଆଦେଶ ତାରିଖ ପର୍ଯ୍ୟନ୍ତ ବାର୍ଷିକ 12% ସୁଧରେ ଦରମା, ଆନୁତୋଷିକ ଏବଂ ଅବସର ଭତ୍ତା ସହିତ ମୋଟ ଟ. 1, 97, 575.32 ରାଶି ଅଧିନିର୍ଣ୍ଣୟ କରିଥିଲେ, ଯାହା ଟ.1,46,205 ରାଶି ହିସାବ କରାଯାଇଥିଲା । ଉତ୍ତରଦାତାମାନେ, ଏହାର ବୈଧତାକୁ କେବଳ 12% ସୁଧ ପ୍ରଦାନ କରିବାର ନିର୍ଦ୍ଦେଶ ସମ୍ପର୍କରେ ଆପତ୍ତି କରିଥିଲେ । ପୁନରୀକ୍ଷଣରେ, ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଦର୍ଶାଇଛନ୍ତି ଯେ, ସମ୍ପାଦନ ନ୍ୟାୟାଳୟଙ୍କ ଡିକ୍ରିକୁ ପ୍ରଶସ୍ତ କରିବାର କୌଣସି କ୍ଷମତା ନାହିଁ । ନ୍ୟାୟାଧିକରଣଙ୍କ ଡିକ୍ରି ସୁଧ ପ୍ରଦାନ ମଞ୍ଜୁର କରେ ନାହିଁ ଏବଂ ତେଣୁ, ସୁଧ ପ୍ରଦାନ ନିର୍ଦ୍ଦେଶ କରୁଥିବା ଆଦେଶ କ୍ଷେତ୍ରାଧିକାର ବିନା ଥିଲା । ତେଣୁ ଏହି ବିଶେଷ ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ, ଯଦିଓ ସାଧାରଣତଃ ସମ୍ପାଦନ ନ୍ୟାୟାଳୟ ସୁଧ ମଞ୍ଜୁର କରିପାରିବେ ନାହିଁ, ଆବେଦନକାରୀଙ୍କ ବୈଧ ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ଏବଂ ଦୀର୍ଘ ସମୟ ପାଇଁ ଅଯୌକ୍ତିକ ଭାବରେ ମାମଲା ବିଳମ୍ବିତ କରିବାରେ ଆଇନସିଦ୍ଧ–ଋଣୀମାନଙ୍କ ଦ୍ୱାରା ନିଆଯାଇଥିବା ଅଯୌକ୍ତିକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି, ଡିକ୍ରି ନିଷ୍ପାଦନ କରିବାରେ ସୁଧ ମଞ୍ଜୁର କରିବାକୁ ସମ୍ପାଦନ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ରହିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସେ ଏହା ମଧ୍ୟ ଯୁକ୍ତି କରିଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ପୁନରୀକ୍ଷଣ କ୍ଷମତା କେବଳ ତ୍ରୁଟିଗୁଡ଼ିକ ମଧ୍ୟରେ ସୀମିତ ରହିବା ଉଚିତ ଯାହା ଚୂଡ଼ାନ୍ତ ନ୍ୟାୟକୁ ବ୍ୟର୍ଥ କରିଥାଏ । ଏହି ମାମଲାରେ, ସମ୍ପାଦନ ନ୍ୟାୟାଳୟ, ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି । ତେଣୁ, ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ଓଲଟାଇବାରେ ଠିକ ନଥିଲେ । ତାଙ୍କର କୌଣସି ଯୁକ୍ତିଗୁଡ଼ିକରେ ଆମେ କୌଣସି ଦୃଢତା ପାଉନାହୁଁ ।

ଏହା ଏକ ସୁପ୍ରତିଷ୍ଠିତ ଆଇନଗତ ସ୍ଥିତି ଯେ, ଏକ ସମ୍ପାଦନ ନ୍ୟାୟାଳୟ ନିଷ୍ପାଦନ ଅନ୍ତର୍ଗତ ଡିକ୍ରି କିମ୍ବା ଆଦେଶ ବାହାରକୁ ଯାଇ ପାରିବେ ନାହିଁ । ଏହା କେବଳ ଆଦେଶ 21, ସି ପି ସି ଅନ୍ତର୍ଗତ ନିର୍ଦ୍ଧାରିତ

ପ୍ରକ୍ରିୟା ଅନୁଯାୟୀ ଆଦେଶ ନିଷ୍ପାଦନ କରିବାକୁ କ୍ଷେତ୍ରାଧିକାର ପାଇଥାନ୍ତି । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଏହା ଏକ ଅର୍ଥ ଦାବି, ଯାହା ସେବା ଆଇନ ଅନୁଯାୟୀ ତାଙ୍କର ପଦୋନ୍ନତି ସୁବିଧାଗୁଡ଼ିକର ଗଣନା ପରେ ଦରମା,ଆନୁତୋଷିକ ଏବଂ ଅବସର ଭତ୍ତାର ବକେୟା ହିସାବ କରାଯିବାର ଥିଲା । ତାହା କରାଯାଇ ସାରିବା ପରେ ଏବଂ ନ୍ୟାୟାଳୟ ଡିକ୍ରିଧାରୀଙ୍କ ଅଧିକାର ପାଇଁ ମୋଟ ଟ .1.97,000 ଏବଂ ଅନ୍ୟାନ୍ୟ ନିର୍ଦ୍ଧାରଣ କରିଛନ୍ତି, ପ୍ରଶ୍ନ ଉଠେ ଯେ, ସମ୍ପାଦନ ନ୍ୟାୟାଳୟ ପଦକ୍ଷେପ ନେଇପାରିବେ ଏବଂ ସୁଧ ପାଇଁ ଡିକ୍ରି ମଞ୍ଜୁର କରିପାରିବେ କି ଯାହା ଦେୟରେ ବିଳମ୍ବ କିମ୍ବା ନିଷ୍ପାଦନରେ ନିଆଯାଇଥିବା ଅଯୌକ୍ତିକ ଆଭିମୁଖ୍ୟ ଆଧାରରେ ନିଷ୍ପାଦନ କରିବା ପାଇଁ ଡିକ୍ରିର ଅଂଶ ନୁହେଁ? ଆମ ମତରେ, ସମ୍ପାଦନ ନ୍ୟାୟାଳୟ ଏହାଙ୍କର କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି ଏବଂ ଏହି ଆଦେଶ ଏକ କ୍ଷେତ୍ରାଧିକାର ବିନା ଏବଂ ଏହିପରି ଏକ ଅସିଦ୍ଧ ଆଦେଶ । ଏହା ସତ୍ୟ ଯେ, ଉଚ୍ଚ ନ୍ୟାୟାଳୟ ସାଧାରଣତଃ ଧାରା 115, ସି ପି ସି ଅନ୍ତର୍ଗତ ଏହାଙ୍କର ପୁନରୀକ୍ଷଣ କ୍ଷେତ୍ରାଧିକାର ପ୍ରୟୋଗ କରନ୍ତି, କିନ୍ତୁ ଥରେ ଏହା ଜଣାଗଲା ଯେ, ସମ୍ପାଦନ ନ୍ୟାୟାଳୟ ଏହାଙ୍କର କ୍ଷେତ୍ରାଧିକାର ଅତିକ୍ରମ କରିଛନ୍ତି, କିନ୍ତୁ ଏହାକୁ ଠିକ କରିବା ଉଚ୍ଚ ନ୍ୟାୟାଳୟଙ୍କ କର୍ତ୍ତବ୍ୟ । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ, ସୁଧ ପ୍ରଦାନ ନିର୍ଦ୍ଦେଶ କରୁଥିବା ଆଦେଶରେ ହସ୍ତକ୍ଷେପ କରିବା ଏବଂ ତାହାକୁ ରଦ୍ଦ କରିବାରେ କୌଣସି ବେଆଇନତା ପାଉନାହୁଁ ।

ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଛି । ଆବେଦନକାରୀଙ୍କୁ ଦେୟ ଏବଂ ପରିଶୋଧନରେ ପରିମାଣର ପାର୍ଥକ୍ୟ ଯାହା ହେଉନା କାହିଁକି, ଏହା କିନ୍ତୁ ଉତ୍ତରଦାତାମାନଙ୍କ କର୍ତ୍ତବ୍ୟ, ଯେତେ ସତ୍ୱର ସମ୍ଭବ ଏହାକୁ ପ୍ରଦାନ କରିବେ, କିନ୍ତୁ ଏହି ଆଦେଶ ପ୍ରାପ୍ତି ତାରିଖରୁ ତିନି ମାସ ପରେ ନୁହେଁ । ଆବେଦନକାରୀଙ୍କୁ ଏହି ଆଦେଶକୁ ଉତ୍ତରଦାତାମାନଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜି .ଏନ୍. ଆବେଦନ ଖାରଜ କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା :- ସୁଧା ସୁରମ୍ୟା ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ